भाकृअनुप – राष्ट्रीय चावल अनुसंधान संस्थान
ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୨ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ବିଳମ୍ବରେ ରୁଆଯାଇଥିବା ଧାନରେ କେଣ୍ଡା ବାହାରିବା ଆରମ୍ଭ ଅବସ୍ଥାରେ (ରୋଇବାର ୫୦ ରୁ ୫୫ ଦିନ ପରେ) ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ମାଟି ଜମି ହୋଇଥିଲେ ୧୭.୫ କି.ଗ୍ରା. ୟୁରିଆ ସହିତ ୧୩ କି.ଗ୍ରା. ଏମ୍.ଓ.ପି.(ପଟାସ ସାର) ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳିପୋକ ଦେଖାଯାଏ, ତେବେ ଏକର ପିଛା ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୪୦୦ ମି.ଲି. ପେଣ୍ଟୋଏଟ୍ ୫୦% ଇ.ସି. କିମ୍ବା ୫୦୦ ମି.ଲି. ଟ୍ରାଇଜୋଫସ୍ ୪୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ଯଦି ବଙ୍ଗୀପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦ ରୁ ୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧୦୦ ମି.ଲି. ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କାର୍ବୋସଲଫାନ୍ ୨୫% ଇ.ସି. କିମ୍ବା ୧୦ କି.ଗ୍ରା କାର୍ଟାପ୍-ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦ କି.ଗ୍ରା. କାର୍ବୋଫୁରାନ୍ ୩ ଜି. ପ୍ରୟୋଗ କରନ୍ତୁ ।

- ମାଟିଆଗୁଣ୍ଡି ପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ପ୍ରୟୋଗ କରନ୍ତୁ । ଚକଡା ପୋକ ସମୟରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ ନକରି ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ପତ୍ରାଚ୍ଛଦ ପୋଡାରୋଗ ଦମନ କରିବା ପାଇଁ ଏକର ପ୍ରତି ପ୍ରୋପିକୋନାଜୋଲ୍ ୨୫ ଇ.ସି. ୨୦୦ ମି.ଲି. କିମ୍ବା ହେକ୍ସାକୋନାଜଲ ୫ ଇ.ସି. ୪୦୦ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ଏଲ୍ ୪୦୦ ମି.ଲି. କିମ୍ବା ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%(ନାଟିଭୋ ୭୫ ଡବ୍ଲ୍ୟୁ.ଜି) ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ଯବକ୍ଷାରଜାନ ଯୁକ୍ତ ଶୀର୍ଷସାର (ୟୁରିଆ/ଡି.ଏ.ପି.) ପ୍ରୟୋଗ କରନ୍ତୁ ନାହିଁ । ଯଦି ପାଣି ଜମି ରହିଥାଏ ନିଷ୍କାସନ ବ୍ୟବସ୍ଥା କରି ଏକର ପିଛା ୫ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ଏକର ପ୍ରତି ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ (୯%) + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ (୧%) ୧୨୦ ଗ୍ରାମ୍ ସହିତ କପର୍ ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ଓ ଭଲଭାବେ ଛାଣି ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି(ଅନ୍ୟୁନ ୧୦$^{୬}$ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋସିଡ୍ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।
- କମ୍ ଆର୍ଦ୍ରତା ବା ସୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରିବ ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।

*****